ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଏଚ୍୧ ଏନ୍୧ ଇନ୍‌ଫ୍ଲୁଏଞ୍ଜା (ସ୍ୱାଇନ୍ ଫ୍ଲୁ) ଠାରୁ

# ନିଜକୁ ସୁରକ୍ଷିତ ରଖନ୍ତୁ

**ସ୍ୱାଇନ୍ ଫ୍ଲୁ ପାଇଁ ଆତଙ୍କିତ ହେବାର କୌଣସି କାରଣ ନାହିଁ । ସମୟୋଚିତ ଚିକିତ୍ସା ଦ୍ୱାରା ଏହା ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଅଧିକାଂଶ ଥଣ୍ଡା,ଜ୍ୱର ଓ କାଶ ସ୍ୱାଇନ୍ ଫ୍ଲୁ ନୁହେଁ ।**

## ମନେ ରଖନ୍ତୁ :

- ଯଦି ଆପଣଙ୍କ ଘରେ କିମ୍ବା ଆପଣଙ୍କ ଅଞ୍ଚଳରେ ସ୍ୱାଇନ୍ ଫ୍ଲୁ ଭଳି ଲକ୍ଷଣ ଥିବା ବ୍ୟକ୍ତି ଦେଖାଯାଆନ୍ତି ତେବେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇ ଚିକିତ୍ସା କରାନ୍ତୁ ।
- ଘରେ ରହିବା ପାଇଁ କୁହନ୍ତୁ ଓ ଅନ୍ୟମାନଙ୍କ ସହ ମିଳାମିଶା କରିବାରେ ବାରଣ କରନ୍ତୁ ।
- ଏଣେତେଣେ ଛେପ,ଖଙ୍କାର ପକାଇବାକୁ ବାରଣ କରନ୍ତୁ ।
- କାଶିବା ଓ ଛିଙ୍କିବା ବେଳେ ପାଟିରେ ଓ ନାକରେ ରୁମାଲ୍ ବା କପଡା ଘୋଡାଇବାକୁ କୁହନ୍ତୁ ।
- ନାକ,ଆଖି କିମ୍ବା ମୁହଁକୁ ଛୁଇଁବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ୍‌ରେ ସଫା କରିବାପାଇଁ କୁହନ୍ତୁ ।

## ଚିକିତ୍ସା ସୁବିଧା ଥିବା ସ୍ଥାନ

ସମସ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ, ଇସ୍ପାତ ଜେନେରାଲ ହସପିଟାଲ୍ ରାଉରକେଲା, କ୍ୟାପିଟାଲ ହସପିଟାଲ୍ ଭୁବନେଶ୍ୱର ଏବଂ ମେଡ଼ିକାଲ କଲେଜ ହସପିଟାଲ୍ କଟକ, ବ୍ରହ୍ମପୁର ଓ ବୁର୍ଲା ।



**କୌଣସି ବ୍ୟକ୍ତିଙ୍କ ଠାରେ ସ୍ୱାଇନ୍ ଫ୍ଲୁ ର ଲକ୍ଷଣ ଥିବା ସନ୍ଦେହ କଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।**

**ସ୍ୱାଇନ୍ ଫ୍ଲୁ ରୋଗର ଚିକିତ୍ସା ନିମନ୍ତେ ସରକାରଙ୍କ ତରଫରୁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି ।**

**ଏ ସଂପର୍କରେ ଯୋଗାଯୋଗ**

ଟେଲିଫୋନ ନଂ-୦୬୭୪-୨୩୯୦୪୬୬

ଦେୟମୁକ୍ତ ଟେଲିଫୋନ ନଂ-୧୮୦୦-୩୪୫-୬୭୭୬

ପ୍ରସ୍ତୁତି- ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ,ଓଡ଼ିଶା